## ସାପ କାମୁଡ଼ାରେ ମହିଳା ମୃତ

ରେଢ଼ାଖୋଲ, ୨୧।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କଦଳୀଗଡ଼ ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ମହିଳା ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ମହୁଲମୁଣ୍ଡା ଗ୍ରାମର କାମିନି ମୁଣ୍ଡା(୩୫) ରାତିରେ ଶୋଇଥିବା ଅବସ୍ଥାରେ ତାଙ୍କୁ ବିଷାକ୍ତ ଚିତି ସାପ କାମୁଡି ଦେଇଥିଲା। ପରିବାର ଲୋକେ ପ୍ରଥମେ ତାଙ୍କର ଝଡାଫୁଙ୍କା ଚିକିତ୍ସା ଆରମ୍ଭ କରିଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଡାକ୍ତର ଅଧିକ ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେଠାରୁ ପରିବାର ଲୋକେ କାମିନିଙ୍କ ମୃତଦେହକୁ ଗାଁକୁ ଆଣି ଶେଷକୃତ୍ୟ ସମ୍ପନ୍ନ କରିଥିଲେ।ମୃତ କାମିନିଙ୍କ ପରିବାର ଅତ୍ୟନ୍ତ ଗରିବ ଖଟିଖିଆ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ପରେ ସ୍ୱାମୀ ସୁଶାନ୍ତ ମୁଣ୍ଡା ଓ ଦୁଇ ନାବାଳକ ରହିଥିବା ଜଣାପଡ଼ିଛି।ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଚକୁଲିଆବାହାଲ ପଞ୍ଚାୟତସ୍ତରୀୟ ସାଂଗଠନିକ ବୈଠକ

ଜମନକିରା, ୨୧।୮ (ସମିସ): ବିଜେପି ଜମନକିରା ମଣ୍ଡଳ ଚକୁଲିଆବାହାଲ ପଞ୍ଚାୟତସ୍ତରୀୟ ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ବିଜୟ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କିଭଳି ପଞ୍ଚାୟତରେ ସାଂଗଠାନିକ ଅଭିବୃଦ୍ଧି ଘଟିବା ସହ ଅବସରପ୍ରାପ୍ତ ଅଧିକାରୀ, କର୍ମଚାରୀ, ଯୁବ ପୀଢ଼ିଙ୍କୁ ବିଜେପି ଦଳରେ ଅଧିକ ସଂଖ୍ୟାରେ ଯୋଡ଼ିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ମିଥ୍ୟା କେଶ, ମୋକଦ୍ଦମା ମାମଲା ଉପରେ ଦଳର ନେତୃବୃନ୍ଦ ଅଧିକ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା। ପରେ ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ଚୟନ ଉପରେ ଆଲୋଚନା କରାଯାଇଥିଲା।ପଞ୍ଚାୟତ ସ୍ତରରେ ତାଲିକା ପ୍ରସ୍ତୁତ କରାଯାଇ ପ୍ରକଳ୍ପ ଗୁଡ଼ିକ ମଞ୍ଜୁରି ପାଇଁ ପଠା ଯାଉଥିଲେ ହେଁ କ୍ରମ ଅନୁଯାୟୀ କେଉଁ କେଉଁ ପ୍ରକଳ୍ପ ଗୁଡିକ ମଞ୍ଜୁର ହେଲା ତାହା କର୍ମୀମାନେ ଜାଣି ପାରୁ ନ ଥିବା କହି ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲା ସମ୍ପାଦକ ପପୁନ ମୁଦୁଲି, ରୂପଧର କିସାନ, ବରିଷ୍ଠ କର୍ମୀ ଟିକେଶ୍ୱର୍ ପଟେଲ୍, ରମେଶ ନାୟକ, କୁମର ବାଘ, ସରୋଜ ନାୟକ, ବିଜୟ କାଉ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରୂପଧର କିସାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଏନ୍ଏସି କାଉନସିଲର୍ଙ୍କ ସାଧାରଣ ବୈଠକ

ରେଢ଼ାଖୋଲ, ୨୧।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୁରୁବାର ଦିନ ସମସ୍ତ ୱାର୍ଡର କାଉନସିଲରଙ୍କୁ ନେଇ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରର ୱାର୍ଡ ମାନଙ୍କରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମସ୍ୟା ଗୁଡ଼ିକ ସମାଧାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ତେବେ ଏଥିରେ ଏନ୍ଏସି ଅଧକ୍ଷ ଶିବରାମ ସାହୁଙ୍କ ଏକ ଗୁରୁତ୍ୱ ପ୍ରସ୍ତାବ ଗ୍ରହଣ କରିଥିଲେ। ରେଢ଼ାଖୋଲ ସହରର ବସଷ୍ଟାଣ୍ଡରେ ସ୍ଥାପିତ ଥିବା ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଠାରେ ଅଖଣ୍ଡ ଦୀପ ଏବଂ ପୁଷ୍ପମାଲ୍ୟ ଦେବାର ବ୍ୟବସ୍ଥା ବିଜ୍ଞାପିତ ଅଞ୍ଚଳ ପରିଷଦ ଦାୟିତ୍ୱ ନେବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିରେ ଅଧକ୍ଷ ଶ୍ରୀ ସାହୁ ସମସ୍ତ କାଉନସିଲ ସହମତି ଦେଇଥିବାରୁ ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ସହିତ କୃତଜ୍ଞତା ଜଣାଇଥିଲେ। ପରେ ସମସ୍ତ କାଉନସିଲରଙ୍କ ସହିତ ଯାଇ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ କରିଥିଲେ।

## ଶ୍ରୀମଦ୍ ଭଗବଦ୍ ଗୀତା ଅକ୍ଷରବ୍ରହ୍ମ ଯୋଗ ଆଲୋଚନାଚକ୍ର

ସମ୍ବଲପୁର, ୨୧।୮ (ସମିସ): ଜନ୍ମହେଲେ ମୃତ୍ୟୁ ସୁନିଶ୍ଚିତ। ଠିକ୍ ସେହିପରି ମୃତ୍ୟୁପରେ ଜୀବର କର୍ମ ଅନୁସାରେ ତାହାର ବିଭିନ୍ନ ଯୋନିରେ ଜନ୍ମ ଏବଂ କର୍ମଫଳ ଭୋଗ କରିବା ମଧ୍ୟ ସୁନିଶ୍ଚିତ। ଯେ ଯାହାକୁ ଉପାସନା କରୁ, ପରିଶେଷରେ ତାହା ସର୍ବ ଶକ୍ତିମାନ୍ ପରମେଶ୍ୱର ପରମାତ୍ମାଙ୍କ ନିକଟକୁ ପହଞ୍ଚିଥାଏ। ଜୀବମାନଙ୍କ ମଧ୍ୟରେ ମାନବ ଜନ୍ମ ହେଉଛି ସର୍ବଶ୍ରେଷ୍ଠ ଜନ୍ମ ଏବଂ ଜୀବନମୁକ୍ତି ହେଉଛି ମାନବ ଜୀବନର ଅନ୍ତିମ ଲକ୍ଷ୍ୟ। ତେଣୁ, ସମସ୍ତେ ନିୟମିତ ଶ୍ରୀମଦ୍ ଭଗବଦ୍ ଗୀତା ଅଧ୍ୟୟନ କରି ତଦନୁସାରେ ଆଚରଣ କଲେ ମାନବ ଜୀବନ ସାର୍ଥକ ହେବ ବୋଲି ଗବେଷକ ଇଂ. ବିଭୁତି ନାରାୟଣ ମାଝି ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ଣରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସମ୍ମିଳନୀ କକ୍ଷରେ ସ୍ୱର୍ଗତ ବିପିନ ବିହାରୀ ପଣ୍ଡାଙ୍କ ସ୍ମୃତିରେ ଶ୍ରୀମଦ୍ ଭଗବଦ୍ ଗୀତାର ଅଷ୍ଟମ ଅଧ୍ୟାୟ ଅକ୍ଷର ବ୍ରହ୍ମ ଯୋଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲାଇବ୍ରେରୀର ସଭ୍ୟସଚିବ ରଘୁନାଥ ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂ. ନିର୍ମଳ କର ଶ୍ରୀମଦ୍ ଭଗବଦ୍ ଗୀତାର ଅଷ୍ଟମ ଅଧ୍ୟାୟ ପାଠ କରିଥିଲେ। ପଥ୍ୱୀରାଜ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ

ସମ୍ବଲପୁର, ୨୧।୮ (ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଂଯୋଜକ ଶ୍ରୀ ପାଢ଼ୀ ଦେଶ ଗଠନରେ ରାଜୀବ ଗାନ୍ଧୀଙ୍କ ଅବଦାନ ଏବଂ ଦେଶ ପାଇଁ ତାଙ୍କ ବଳିଦାନ ତାଙ୍କୁ ଦେଶବାସୀଙ୍କ ହୃଦୟରେ ସବୁଦିନ ସାଇତି ରଖିବ ବୋଲି କହିଥିଲେ। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏହି ଅବସରରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନ ୧୧ଟା ସମୟରେ ବୁର୍ଲା କଂଗ୍ରେସ ଭବନ ଓ ଇନ୍ଦିରା କ୍ଲବରେ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ କର୍ମୀଙ୍କୁ ବିଭିନ୍ନ ଚାରା ବଣ୍ଟନ, ଇନ୍ଦିରା କ୍ଲବ୍ ପରିସର, ସନ୍ତୋଷୀ କଲୋନୀରେ ଚାରାରୋପଣ, ବୁର୍ଲା ଭିମସାର ହସ୍ପିଟାଲ କ୍ୟାନସର ୱାର୍ଡ ଓ ଟିବି ୱାର୍ଡରେ ଫଳ ବିସ୍କୁଟ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ବୁର୍ଲା କୁଷ୍ଠ କଲୋନୀରେ ନିଆରା ଢଙ୍ଗରେ ରାଜୀବ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁର୍ଗା ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ସୁତପା ମିତ୍ର, କବିତା ପଟ୍ଟନାୟକ, ଓବିସି ଜିଲ୍ଲା ସଭାପତି ଶିବ ପ୍ରଧାନ, ପିସିସି ସମ୍ପାଦକ ଦିଲୀପ ଦୁରିଆ, ରାଜ୍ୟ ଏସ୍‌ସି ସମ୍ପାଦକ ତାପସ କୁମାର, ବରିଷ୍ଠ ନେତା କାଲୁ ସ୍ୱାଇଁ, ଦଶରଥ ଦାସ, ଲକ୍ଷ୍ମୀ ପ୍ରଧାନ, ପ୍ରଶାନ୍ତ ମହାନ୍ତି, ବିରଞ୍ଚି ମହାପାତ୍ର, ଏମଡି ସଲିମ ପ୍ରମୁଖ ସହଯୋଗ କରିଥିଲେ।

## ପାଣି ଅଭାବରୁ ଜମି ଫାଟି ଆଁ କଲାଣି

# ମେଗା ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ଦାବି

କୁଚିଣ୍ଡା, ୨୧।୮ (ସମିସ)

ବର୍ଷା ପାଣିକୁ ଅପେକ୍ଷା କରି ପାଣି ଅଭାବରୁ ବହୁ ଚାଷ ଜମ ଜମି ଫାଟି ଆଁ କଲାଣି। ବହୁ ଚାଷ ଜମି ଶୁଖି ହଳଦିଆ ଦେଖା ଦେଲାଣି। ଜମିକୁ ପାଣି ସହିତ ବଢ଼ିବା ପାଇଁ ୟୁରିଆ ସାର ଦରକାର ହେଲେ ୟୁରିଆ ସାରର ଘୋର ଅଭାବ ଦେଖା ଦେଇଥିବା ବେଳେ ବର୍ଷା ହେଉନଥିବାରୁ ଚାଷୀକୁଳ ନିରୁପାୟ ହୋଇ ଉପରକୁ ଚାହିଁ ବସିଲେଣି। ବିଗତ ସରକାର ସମୟରେ ଚଷୀ ଜମିକୁ ଠିକ୍ ଭାବେ ପାଣି ମଡାଯାଇ ଉନ୍ନତ ମାନର ଚାଷ କାର୍ଯ୍ୟ କରିବା ଓ ଅଞ୍ଚଳର ଖର୍ଲା ଓ ଭେଡେନ ନଦୀ ଗର୍ଭରେ ଅନେକ ଗୁଡ଼ିଏ ମେଗା ପ୍ରକଳ୍ପ ଗୁଡ଼ିକ କରି କେମିତି ଚାଷୀଙ୍କ ଜମିକୁ ପାଣି ମଡ଼ାଯାଇ ପାରିବ ସେନେଇ ଠିକା ସଂସ୍ଥା କୁ ପାଣି ପରିଚାଳନା ପାଇଁ ନିଯୁକ୍ତି କରିଥଲେ। ହେଲେ ସରକାର ପରିବର୍ତ୍ତନ ପରେ ଉକ୍ତ ମେଗା ଜଳ ପ୍ରକଳ୍ପ ଗୁଡ଼ିକୁ ଅଚଳ ଅବସ୍ଥାରେ ପଡ଼ିଛି। ଶୁଣିବାକୁ ମିଳେ ଉକ୍ତ ଜଳ ପ୍ରକଳ୍ପ ଗୁଡ଼ିକୁ ସଚଳ କରିବା ପାଇଁ ନୂତନ ଟେଣ୍ଡର କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ ଚାଷୀର ଚାଷ ଜମିକୁ ପାଣି ମାଡି ପାରିନାହିଁ। ଗୁରୁବାର ସଇଡା, ଖଣ୍ଡୋକଟା, ପତ୍ରାପାଳି, କିଣ୍ଡିରା, ପାରୁଆଭାଡ଼ି, ଜଟିଆପାଲି, ରାମ ତିଲେଇମାଲ ଏବଂ ହାଡ଼ିପାଲି ଆଦି ଅଞ୍ଚଳର ଶତାଧିକ ଚାଷୀ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଭେଟି ମେଗା ଜଳ ପ୍ରକଳ୍ପକୁ ସଚଳ କରିବା ଶହ ଅଞ୍ଚଳର ଚାଷୀଙ୍କ ଚାଷ ଜମିକୁ କିପରି ପାଣି ମଡ଼ି ପାରିବ ବ୍ୟବସ୍ଥା କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଜମିକୁ ଜଳ ଯୋଗାଣ ନ କରାଯାଏ ତେବେ ଚାଷୀମାନେ ରାସ୍ତା ଅବରୋଧ କରିବେ ବୋଲି ଅଞ୍ଚଳର ଚାଷୀମାନେ ଚେତାବନୀ ଦେଇଛନ୍ତି। ଦାବି ପତ୍ର ପ୍ରଦାନ ସମୟର ଶିବ ନାରାୟଣ ନାୟକ, ବିରେନ୍ଦ୍ର କୁମାର ନାୟକ, ସରୋଜ ସେନାପତି, ପଙ୍କଜ ପୃଷେଠ, ଗଗନ ବିହାରୀ ପୃଷେଠ, ଗଣେଶ ଚନ୍ଦ୍ର ସାହୁ, ରଶ୍ମୀନ ପଟେଲଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



## ପଞ୍ଚମ ଦିନରେ ଅଧାପକ ସଂଘ ଆନ୍ଦୋଳନ, ପାଠପଢ଼ା ବାଧାପ୍ରାପ୍ତ



ଜମନକିରା, ୨୧।୮ (ସମିସ): ଗୁରୁବାର ପଞ୍ଚମ ଦିନରେ ପହଁଞ୍ଚିଛି ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆନ୍ଦୋଳନ। ରାଜ୍ୟ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ ଜଣାଇ ଶନିବାର ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟବନ୍ଦ କରିବା ସହ ଧାରଣା ଦେଇଛନ୍ତି।ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କୁ ପୂର୍ଣ୍ଣ ଅନୁଦାନ ପ୍ରଦାନ ଦାବି କରାଯାଇଛି। ଅଧ୍ୟାପକ ଓ ଅଧ୍ୟାପିକାମାନେ ପାଠ ପଢ଼ାରୁ ନିବୃତ ରହିଥିବାରୁ ମହାବିଦ୍ୟାଳୟରେ ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଏକପ୍ରକାର ଠପ୍ ହେଇଯାଇଛି। ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପତ୍ର ପଠାଯିବା ସହ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ସଚିବମାନଙ୍କୁ ମଧ ପତ୍ର ପଠାଯାଇଛି। ରାଜ୍ୟ ସଂଘ କର୍ମକର୍ତ୍ତା ସରକାରଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ସତ୍ତ୍ୱେ ଦାବି ପୂରଣ ହେଇନାହିଁ। ୪୮ ଓ ୬୬୨ ବର୍ଗର ଯୁକ୍ତ ୨, ଯୁକ୍ତ ୩ ଅଧ୍ୟାପକ ଓ କର୍ମଚାରୀ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। କଲେଜ ଅଧକ୍ଷ ଅରୁଣ କୁମାର ପଟେଲ କହିଛନ୍ତି ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସଂଘ ପୂର୍ବରୁ ସୂଚନା ଏବଂ ଦାବିପତ୍ର ଦେଇଥିଲେ। ଏବେ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଶିକ୍ଷାଦାନ ରେ ବାଧା ସୃଷ୍ଟି ହୋଇଛି। ଏ ବାବଦରେ ଉଚ୍ଚଶିକ୍ଷା ବିଭାଗର ଅଧିକାରୀଙ୍କୁ ଅବଗତ କରାଯାଇଛି।ସତ୍ୟନାରାୟଣ ପଟ୍ଟନାୟକ, ସମ୍ପୂର୍ଣ୍ଣା ପଟ୍ଟନାୟକ, ତୃପ୍ତିମୟୀ ମଲ୍ଲିକ, ଚେତନା ଗଡ଼ତିଆ, କୁନ୍ଦଲୀ ମହାନନ୍ଦ, ସାଇନା ଭୋଇ, ମନମୋହନ ଜୟବିକାଶ ବାଘ, ସିଦ୍ଧାନ୍ତ ସାହୁ, ରୋଜି ପରିଡ଼ା, ଶିବାନୀ ବେହେରା, ସ୍ୱାଗତିକା ଦାନୀ, ଆଲୋକ କୁମୁରା, ବାସୁଦେବ ବେହେରା, ଦୀପ୍ତିମୟୀ ବିଶ୍ୱାଳ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଭୀମଭୋଇ କଲେଜରେ ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ



ରେଢାଖୋଲ, ୨୧।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲସ୍ଥିତ ଭୀମଭୋଇ ମହାବିଦ୍ୟାଳୟରେ ଗୁରୁବାର ଦିନ ଏନଡିଆରଏଫ୍ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜର ଅଧକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧକ୍ଷତାରେ ଯୁବ ରେଡକ୍ରସ ଉପଦେଷ୍ଟା ଅଞ୍ଜନ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ପ୍ରାଧାପକ ଅରୁଣ କୁମାର ଶାସନୀ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପାଇଁ ଉପଯୁକ୍ତ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ।କାର୍ଯ୍ୟକ୍ରମରେ ଏନଡିଆରଏଫ୍‌ର ତୃତୀୟ ବାଟାଲିୟନ, ମୁଣ୍ଡୁଲିରୁ ଆସିଥିବା ଇନ୍ସପେକ୍ଟର ନବକିଶୋର ପ୍ରଧାନ ଏବଂ ସବଇନ୍ସପେକ୍ଟର ପୁଷ୍ପେନ୍ଦୁ ଦୁହାନଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ବିପର୍ଯ୍ୟୟ ପରିଚାଳନା ଏବଂ ସମ୍ମୁଖୀନ ହେବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଏଥିରେ ମୁଖ୍ୟତଃ ଭୂମିକମ୍ପ, ବଜ୍ରପାତ, ସଡକ ଦୁର୍ଘଟଣା, ଅଗ୍ନିଜନିତ ଦୁର୍ଘଟଣା ଓ ଜଳଜନିତ ଦୁର୍ଘଟଣା ସମୟରେ ସୁରକ୍ଷିତ ରହିବାର ଉପାୟ ସମ୍ପର୍କରେ ଅବଗତ କରାଇବା ସହ ସିପିଆର ଟ୍ରେନିଂ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧାପିକା ସୁପ୍ରିୟା କୁମାରୀ ମଲ୍ଲିକ, ମମତା ମହାପାତ୍ର, ପ୍ରାଧାପକ ଡ଼ ମନୋରଞ୍ଜନ ମହନ୍ତ, ଅଧ୍ୟାପକ ଡ଼ ବିରଞ୍ଚି ଖଡିଆ, ମାନଭଞ୍ଜନ କହଁର ପ୍ରମୁଖ ଙ୍କ ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ କଲେଜର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ହିଣ୍ଡାଲ୍‌କୋ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ



ସମ୍ବଲପୁର, ୨୧।୮ (ସମିସ): ହିଣ୍ଡାଲ୍‌କୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ 'ବିଶ୍ୱ ବରିଷ୍ଠ ନାଗରିକ ଦିବସ' ପାଳିତ ହୋଇଛି। ଭାରତୀୟ ସଂସ୍କୃତିରେ ପୂଜ୍ୟ ପୂଜା କାହିଁ ଅନାଦି ଅନନ୍ତ କାଳରୁ ପ୍ରଚଳିତ ଅଛି। ଏହାକୁ ଆଧାର କରି ଉନ୍ନୟନ ବିଭାଗର ଉପଦେଷ୍ଟା ସୁକାନ୍ତ ମହାପାତ୍ର ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ଏହି ଦିବସରେ ସେମାନଙ୍କର ଭୂମିକାକୁ ପ୍ରଶଂସା କରିବା ସହ ବରିଷ୍ଠଙ୍କ ପରାମର୍ଶରେ ପରିବାର ତଥା ସମାଜ ଆଗକୁ ଯାଇଥାଏ କହିଥିଲେ। ଯେଉଁ ଜାଗାରେ ବରିଷ୍ଠ ନାହାନ୍ତି ସେ ସ୍ଥାନରେ ଶୃଙ୍ଖଳା ନାହିଁ ବୋଲି ଉନ୍ନୟନ ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତି ମତପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଂଗଠନର ସମ୍ପାଦକ ମଧୁସୂଦନ ଦାସ, ଜୟଶ୍ରୀ ରାଓ, ସରୋଜ ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ ଏବଂ ମିଳନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟ ଦେଲେ ଛାତ୍ରଛାତ୍ରୀ

ବରଗଡ଼, ୨୧।୮ (ସମିସ): ରାଣା ପ୍ରତାପ ସ୍କୁଲର ଶିକ୍ଷୟିତ୍ରୀ ଦୀପିକା କୁଲୁଙ୍କ ନିଜ ଜିଲ୍ଲା ସୁନ୍ଦରଗଡ଼ ବଦଳି ହୋଇଥିବା ବେଳେ ତାଙ୍କୁ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଶିକ୍ଷୟିତ୍ରୀ ଦୀପିକାଙ୍କ ବଦଳରେ ସୁନ୍ଦରଗଡ଼ ଜିଲ୍ଲାରୁ ଆସି ଯୋଗ ଦେଇଥିବା ଶିକ୍ଷୟିତ୍ରୀ ମିତା ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ପୂର୍ବତନ ଶିକ୍ଷୟିତ୍ରୀ ମୀନା ପଣ୍ଡା, ସତ୍ୟେନ୍ଦ୍ରିୟ ଦେବତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଓଡ଼ିଶା ବିଜେପି ବ୍ୟାପାର ପ୍ରକୋଷ୍ଠର ବୈଠକ

ସମ୍ବଲପୁର, ୨୧।୮ (ସମିସ): ଓଡ଼ିଶା ବିଜେପି ବ୍ୟାପାର ପ୍ରକୋଷ୍ଠର ଅଧକ୍ଷ ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ସ୍ଥାନୀୟ ଏକ ହୋଟେଲରେ ବ୍ୟାପାର ପ୍ରକୋଷ୍ଠ ତରଫରୁ ବୈଠକ ଅନୁଷ୍ଠିତ ହୋଇଥିଲା।ବୈଠକରେ ସ୍ଥାନୀୟ ବ୍ୟାପାର ସଦସ୍ୟ ଯୋଗଦାନ ଦେଇଥିଲେ। ବୈଠକରେ ସେଲର ଅଧକ୍ଷ ଗୋବିନ୍ଦଙ୍କ ସହିତ ଅଶୋକ ଜଲାନ, ଯଶବିର ସିଂ ହୁରା, ଅରୁଣ ମୁଖାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଏସ୍‌ଟି ଯୁଗ୍ମ କମିସନର ଆଶୁ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଜିଏସ୍‌ଟି ସଫଳତା ଉପରେ କହିଥିଲେ। ଆଗାମୀ ଦୀପାବଳୀ ଉତ୍ସବରେ ଜିଏସ୍‌ଟି ସ୍ଲାବ ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବାରୁ ବୈଠକରେ ପ୍ରସଂଶା କରାଯାଇଥିଲା। ମହିଳା ଉଦ୍ୟୋଗୀ ସବିତା ପୋଦ୍ଦାନି ଏବଂ ଖଇଲ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ବସ ସଂଘ ସଭାପତି ଜିତୁ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।ଦୁର୍ଗା ମାଧବ ମିଶ୍ର, ଆଇନଜୀବୀ ପ୍ରଦୀପ ସୂପକାର, ରଞ୍ଜନ ହୋତା, କର୍ତ୍ତାର ସିଂ, ସୁନିଲ ନନ୍ଦ, ଶୈଳେନ୍ଦୁ ମହାକୁଡ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ଉପରେ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ସଚେତନତା

ବରଗଡ଼, ୨୧।୮ (ସମିସ): ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ଉପରେ କାର୍ଯ୍ୟକ୍ରମ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ବୁଧବାର ଆୟୋଜିତ ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାସ୍ତାରେ ଯିବା ଆସିବା ବେଳେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝି, ଏଇ ମିଶନ ସ୍କୁଲ ଚେୟାରମ୍ୟାନ ଯଶବୀର ସିଂହ ସୈନୀ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଟ୍ରାଫିକ୍ ଇନ୍ସପେକ୍ଟର ମନୋଜ ମହାପାତ୍ର, ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରମ୍ୟାନ୍ ସୁମନ ସାଓଡିଆ, ପ୍ରିନ୍ସିପାଲ୍ କରଣ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାଓଡିଆଙ୍କ ସହିତ ଅନ୍ୟାନ୍ୟ ବିଦ୍ୟାଳୟ ଯଥା ଜର୍ଜ ହାଇ ସ୍କୁଲ୍, ଏଇ ମିଶନ୍ ସ୍କୁଲ୍, ରୋଟାରୀ ପବ୍ଲିକ୍ ସ୍କୁଲ୍, ବିକାଶ ରେସିଡେନ୍ସିଆଲ୍ ସ୍କୁଲ୍ ଓ ରେନବୋ ପବ୍ଲିକ୍ ସ୍କୁଲ୍‌ର ୯୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ସ୍ୱାମୀ ବିବେକାନନ୍ଦ ହଲ୍‌ରେ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ଯାତାୟାତ ସ୍ୱୟଂସେବକ କରିବା ପାଇଁ ପ୍ରଶିକ୍ଷିତ କରାଗଲା। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ପ୍ରତ୍ୟେକ ଶିଶୁ ଅନ୍ୟ ୫ ଜଣ ଶିଶୁକୁ ପ୍ରଶିକ୍ଷଣ ଦେବାକୁ କହିଥିଲେ। ସମସ୍ତ ଅତିଥିମାନଙ୍କୁ ପ୍ରତୀକ ସ୍ୱରୂପ ଗଛ ଦେଇ ସମ୍ମାନିତ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରା ଯାଇଥିଲା। ପରେ ଛାତ୍ରଛାତ୍ରୀ ଗାନ୍ଧୀ ଛକକୁ ଯାଇ କାର୍ଯ୍ୟକ୍ରମରେ ଶିଖିଥିବା ଯାତାୟାତ ନିୟମର ଅଭ୍ୟାସ କରିଥିଲେ।

## 'ସୁଭଦ୍ରା' ତୃତୀୟ କିସ୍ତି ପାଇଁ ନୟାନ୍ତ ହିତାଧିକାରୀ

● ହେଲ୍ପ ଲାଇନରୁ ମିଳୁନି ସନ୍ତୋଷଜନକ ଉତ୍ତର

ପଦ୍ମପୁର/ଦହିତା, ୨୧।୮ (ସମିସ): ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ ତଥା ବିକଶିତ କରିବା ଲାଗି ବିଗତ ଏକ ବର୍ଷ ତଳେ ବହୁ ପ୍ରତିକ୍ଷିତ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇଥିଲା।

ଏଥିରେ ରାଜ୍ୟର ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ୫ ବର୍ଷରେ ଦଶଟି କିସ୍ତିରେ ମୋଟ ପଚାଶ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦେବାକୁ କୁହାଯାଇଥିଲା। ଗୋଟିଏ କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ ସମ୍ପୃକ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରାଯାଉଛି। ଯୋଗ୍ୟ ବିବେଚିତା ହୋଇଥିବା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୩ଟି କିସ୍ତି ଜମା ହୋଇସାରିଛି। ତେବେ ଗତ ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣିମା ଦିନ ରାଜ୍ୟର ସମସ୍ତ ହିତାଧିକାରୀଙ୍କୁ ତୃତୀୟ କିସ୍ତି ଟଙ୍କା ମିଳିସାରିଛି ବୋଲି ସରକାର ବାହାଦୂରୀ ମାରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ବହୁ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ସୁଭଦ୍ରା ଯୋଜନାର ସବୁ ଦୃଷ୍ଟିରୁ ସେମାନେ ଯୋଗ୍ୟ ଏବଂ ପ୍ରଥମ, ଦ୍ୱିତୀୟ କିସ୍ତି ଟଙ୍କା ପାଇ ସାରିଥିବା ସତ୍ତ୍ୱେ ତୃତୀୟ କିସ୍ତି ଟଙ୍କା ଏ ପର୍ଯ୍ୟନ୍ତ ପାଇ ନାହାଁନ୍ତି। ଅଧିକାଂଶ ମହିଳାଙ୍କୁ ପାଞ୍ଚ ପାଞ୍ଚ ହଜାର ଟଙ୍କା ଲେଖାଏଁ ମିଳି ସାରିଥିବା ବେଳେ ସେମାନଙ୍କୁ ମିଳି ନ ଥିବାରୁ ସେମାନେ ଦ୍ୱନ୍ଦରେ ଅଛନ୍ତି।

ଜନସେବା କେନ୍ଦ୍ରକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ସୁଭଦ୍ରା ଯୋଜନାର ହେଲ୍ପ ଲାଇନ ନମ୍ବର ୧୪୬୭୮ କୁ ଫୋନ୍ କଲେ ମଧ ଫୋନ୍ ସଂଯୋଗ ହେଉ ନାହିଁ। ବହୁ କଷ୍ଟରେ ଦୈବାତ ଫୋନ୍ ସଂଯୋଗ ହେଲେ, ସୁଭଦ୍ରା ଯୋଜନାର ସୂଚନା ଅଧିକାରୀମାନେ ହିତାଧିକାରୀମାନଙ୍କୁ ତୃତୀୟ କିସ୍ତି ଟଙ୍କା ଏ ପର୍ଯ୍ୟନ୍ତ ଜମା ନ ହେବାର କାରଣ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେଉନାହାନ୍ତି।

ପଦ୍ମପୁର ବ୍ଲକ ଦହିଗାଁ ପଞ୍ଚାୟତର ପିଙ୍କି ସାହୁ ସୁଭଦ୍ରା ଯୋଜନାର ପ୍ରଥମ ଦୁଇ କିସ୍ତି ଟଙ୍କା ପାଇଥିଲେ। କିନ୍ତୁ ତୃତୀୟ କିସ୍ତି ଟଙ୍କାର ଦେଖାନାହିଁ।

ସେହିପରି ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତର ଚନ୍ଦ୍ର କାନ୍ତି ସାହୁଙ୍କ ଅବସ୍ଥା ମଧ ସମାନ। ଏଭଳି ପିଙ୍କି ଓ ଚନ୍ଦ୍ରକାନ୍ତି ଭଳି ପଦ୍ମପୁର ଉପଖଣ୍ଡର ଶହଶହ ମହିଳା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଟଙ୍କା ଏ ପର୍ଯ୍ୟନ୍ତ ପାଇ ନାହାନ୍ତି। ଏମାନେ ଖାଲି ଜନସେବା କେନ୍ଦ୍ରରୁ ବ୍ଲକ ଦୌଡି ଦୌଡି ନୟାନ୍ତ ହେଲେଣି। ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ବିକଶିତ କରାଯାଉଥିବା ଡିଣ୍ଡିମ ପିଟୁଥିବା ବେଳେ ଯୋଗ୍ୟ ହିତାଧିକାରୀମାନଙ୍କୁ ଏ ପର୍ଯ୍ୟନ୍ତ ତୃତୀୟ କିସ୍ତି ଟଙ୍କା ମିଳି ନ ଥିବାରୁ ସେମାନଙ୍କ ମନରେ ନିରାଶା ଖେଳିଯାଇଛି।

### ମଗରାପଡ଼ା ଜାଗାକୁ ମାଡ଼ି ବସିଛନ୍ତି ପ୍ରଭାବଶାଳୀ

# ଆଦିବାସୀଙ୍କ ସୁରକ୍ଷା ସହ ଚାଷଜମି, ଶ୍ମଶାନଘାଟକୁ ରାସ୍ତା ଦାବି

ଜମନକିରା, ୨୧।୮ (ସମିସ)

ଚିନିମହୁଲ୍ ମୌଜାର ଆଦିବାସୀଙ୍କୁ ସୁରକ୍ଷା ସହିତ ଦୀର୍ଘ ବର୍ଷ ଧରି ସାଇତି ରଖିଥିବା ଜାଗାକୁ ଚିହ୍ନଟ କରି ତାଙ୍କ ଚାଷଜମିକୁ ଯିବା ଆସିବା ପାଇଁ ଏବଂ ଶ୍ମଶାନଘାଟ ଯିବାକୁ ରାସ୍ତା ଦେବାକୁ ଚିନିମହୁଲ ଗାଁ ଲୋକେ ତହସିଲଦାର ପ୍ରବୀଣା ବିଲୁଙ୍ଗଙ୍କୁ ଦାବି ଜଣାଇଛନ୍ତି। ଦାବିରେ ଉଲ୍ଲେଖ କରିଛନ୍ତି ଯେ, ଜମନକିରା ତହସିଲ୍ ଅଧୀନ ଚିନିମହୁଲ ମୌଜାର ମଗରାପଡ଼ା ଅଞ୍ଚଳରେ ଅନେକ ସରକାରୀ ଘର ତିଆରି ଚାଲିଥିବା ବେଳେ ବିଭିନ୍ନ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତି ତାଙ୍କ ଜାଗାକୁ ଖତିଆନ କରି ନେଇଛନ୍ତି। ଏସବୁ ଘର ଗୁଡ଼ିକ ଏନ୍‌ଏଚ ୫୩ ପାର୍ଶ୍ୱରେ ତିଆରି ଚାଲିଛି। ଏପରିକି ତାଙ୍କ ଚାଷଜମି ଏବଂ ଶ୍ମଶାନଘାଟକୁ ଯିବାକୁ ରାସ୍ତା ଛାଡ଼ି ନାହାନ୍ତି। ସରକାରଙ୍କ ଯୋଜନା ଅନୁସାରେ ସରକାରୀ ଘର ହେବାକୁ ସେମାନେ ବିରୋଧ କରୁ ନାହାନ୍ତି କିନ୍ତୁ ତାଙ୍କ ଚାଷ ଜମି ଏବଂ ଶ୍ମଶାନ ଘାଟକୁ ଯିବା ପାଇଁ ନିହାତି ରାସ୍ତା ଜରୁରୀ ବୋଲି ଉଲ୍ଲେଖ କରିଛନ୍ତି। ତେଣୁ ମଗରାପଡ଼ାର ଆଦିବାସୀଙ୍କୁ ସୁରକ୍ଷା ଦେବା ସହ ତାଙ୍କର ଦାବି ଉପରେ ତଦନ୍ତ କରି ଦୀର୍ଘ ବର୍ଷ ଧରି ଅବରୋଧ କରିଥିବା ଜାଗାକୁ ଚିହ୍ନଟ କରିବା ସହିତ ଆଦିବାସୀଙ୍କ ଗୋରୁଗାଈ ଚାରଣ ଭୂମି, ଶ୍ମଶାନଘାଟକୁ ଯିବା ଆସିବା ପାଇଁ ସଂରକ୍ଷିତ ବ୍ୟବସ୍ଥା ଥିବା ଏବଂ ସେମାନେ କମ୍ ପାଠ ପଢ଼ି ଥିବାରୁ ଏହା ସୁଯୋଗରେ ଜାଗାକୁ ମାଡ଼ି ବସିଛନ୍ତି। ଏହାର ତଦନ୍ତ କରି ଆଦିବାସୀଙ୍କୁ ସୁରକ୍ଷା ଦେବାକୁ ମଗରାପଡ଼ାବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବିଜୟ ନାଏକ, ଶୋଭାରାମ ପ୍ରଧାନ, ଦେବେନ୍ଦ୍ର କାଉ, କ୍ଷମାନିଧି ପ୍ରଧାନ, ଅନନ୍ତ ରାମ ପ୍ରଧାନ ସହ ଗ୍ରାମର ପୁରୁଷ ମହିଳାମାନେ ଉପସ୍ଥିତ ଥିଲେ।

## 'ସ୍ପିଡ୍' ଆରମ୍ଭ କରିବାରେ ଜେଏସ୍‌ଡବ୍ଲୁ-ବିପିଏସ୍‌ଏଲ୍ ପ୍ରଥମ

ସମ୍ବଲପୁର, ୨୧।୮ (ସମିସ) : ଜେଏସ୍‌ଡବ୍ଲୁ-ବିପିଏସ୍‌ଏଲ୍ ସମ୍ବଲପୁର ୱାର୍କସ୍ଠାରେ ଏହାର ଫ୍ଲାଗସିପ୍ ଇନିସିଏଟିଭ୍ - ସ୍ପିଡ୍ (ସସ୍‌ଟେନେବିଲିଟି ପ୍ଲାନିଂ ଫର୍ ଏନର୍ଜି ଏଫିସିଏନ୍ସି ଆଣ୍ଡ ଡିକାର୍ବୋନାଇଜେସନ୍) ଆରମ୍ଭ କରିଛି। ଏହା ଭାରତର ଷ୍ଟିଲ ସେକ୍ଟରରେ ଅନନ୍ୟ ଏବଂ ପ୍ରଥମ ଏଭଳି ଉଦ୍ୟମ। ଏହି ପ୍ରୟାସକୁ ଜେଏସ୍‌ଡବ୍ଲୁ-ବିପିଏସ୍‌ଏଲ୍ ଚିଫ୍ ଅପରେଟିଂ ଅଫିସର ଉମେଶ ରାୟ ଉଦ୍‌ଘାଟନ କରିଥିବାବେଳେ ଭିପି (ଅପରେସନସ୍) ପ୍ରକାଶ ସାପା, ଭିପି ଏବଂ ଏଚ୍‌ଆର ମୁଖ୍ୟ ଜେ.ପି ସିଂହ, ଭିପିବୃନ୍ଦ ମନୋଜ ପଟୱାରୀ, ବିକାଶ ଜୈନ ଓ ମନୋଜ କୁମାର ସିଂହ ତଥା ବିଭିନ୍ନ ବିଭାଗୀୟ ମୁଖ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅବସରରେ ଶ୍ରୀ ରାୟ 'ସ୍ପିଡ୍' ଶକ୍ତି ଦକ୍ଷତା, ସମ୍ବଳ ଅପ୍ଟିମାଇଜେସନ୍, ନିର୍ଗମନ ହ୍ରାସ କରିବା ଏବଂ ସସ୍‌ଟେନେବିଲିଟି ଅଭ୍ୟାସ କ୍ଷେତ୍ରରେ କାର୍ଯ୍ୟକାରୀ ହେବ ବୋଲି ଗୁରୁତ୍ୱାରୋପ କରିଥିଲେ।




ଜେଏସ୍‌ଡବ୍ଲୁ-ବିପିଏସ୍‌ଏଲ୍, ଫୋର୍ବସ ମାର୍ଶାଲ ସହିତ ମିଳିତ ଭାବେ, ପ୍ରଥମ ପଦକ୍ଷେପ ଭାବରେ ଅଗଷ୍ଟ ୨୦୨୫ ସକାଶେ 'ସ୍ପିଡ୍'ର ଥିମ୍ ଭାବରେ ଷ୍ଟିମ ଏନର୍ଜି କନ୍‌ଜରଭେସନ୍ ଉପରେ ଏକ କର୍ମଶାଳା ଆୟୋଜନ କରିଛି। ଅଗଷ୍ଟ ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପ୍ରତି ମାସରେ ଏନର୍ଜି ଓ ସସ୍‌ଟେନେବିଲିଟିକୁ ନେଇ 'ସ୍ପିଡ୍'ର ଗୋଟିଏ ଲେଖାଏ ଥିମ୍ ଉପରେ ସମର୍ପିତ ହେବ।

